## ଆଇଏନ୍‌ଟିୟୁସି ତରଫରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,(ଡି.ଏନ.ଏ.): ଯାଜପୁର ଜିଲା ଆଇଏନ୍‌ଟିୟୁସି ପକ୍ଷରୁ ଜିଲାପାଳଙ୍କ ଅଫିସ ସାମ୍ନାରେ ୩ ତାରିଖରୁ ଆରମ୍ଭ ହୋଇଥିବା ଧାରଣା ଗୁରୁବାର ଶେଷ ହୋଇଛି। ଦଳର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଆହ୍ୱାନରେ ଏକ ସଭା ହୋଇଥିଲା। ଏଥିରେ କର୍ମକର୍ତ୍ତା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦଳର ଜିଲା ସଭାପତି ନିରଞ୍ଜନ ପଣ୍ଡା, ବିଷ୍ଣୁଚରଣ ରାଉତ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ବଳଭଦ୍ର ଦାସ, ରଞ୍ଜିତା ରାଉତ, ହୃଷୀକେଶ ପତି, ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ରସୁଲପୁର,୫।୧୧(ଡି.ଏନ.ଏ.):** ପୋଖରୀରେ ବୁଡ଼ି ଗୁରୁବାର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତ ଅରତିଆ-କୁସୁନପୁର ଗ୍ରାମର ରମେଶ ସାମଲଙ୍କ ଝିଅ ସୁମିତ୍ରା(୧୧)। ସକାଳ ୧୦ଟାରେ ସୁମିତ୍ରା ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀରୁ ଉଦ୍ଧାର କରି ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ କୁଆଖିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୧୯/୨୦) ରୁଜୁ ହୋଇଛି। ସୁମିତ୍ରାଙ୍କ ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପରୀକ୍ଷାଫଳ

## ସଂସ୍କୃତରେ ରଶ୍ମିତା ବିଶ୍ୱବିଦ୍ୟାଳୟ ଟପ୍ପର

**ନୟାଗଡ ଅଫିସ,୫।୧୧:** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଅନର୍ସ ଛାତ୍ରୀ ରଶ୍ମିତା ପଟ୍ଟନାୟକ ସଂସ୍କୃତରେ ବିଶ୍ୱ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିଭଳି ସାଇକୋଲୋଜି ଛାତ୍ରୀ ପି. ଶୁଭଲକ୍ଷ୍ମୀ ଦୋରା ୮୫.୯୩ ପ୍ରତିଶତ ରଖି ତୃତୀୟ ଓ ହୋମ ସାଇନ୍ସ ଛାତ୍ରୀ ରଞ୍ଜିତା ପଣ୍ଡା ୮୧.୦୭ ପ୍ରତିଶତ ନମ୍ବର ରଖି ନବମ ସ୍ଥାନରେ ରହି ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଚଳିତବର୍ଷ ୧୯୦ରୁ ୧୮୬ ଛାତ୍ରୀ ୯୭.୮୯ ପ୍ରତିଶତ ପାସ ହୋଇଥିବା ଅଧକ୍ଷା ରାଜଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ଖବରଦାତାଙ୍କୁ ଅଶାଳୀନ ମନ୍ତବ୍ୟ: ଥାନାରେ ଅଭିଯୋଗ

**ଯାଜପୁର ଟାଉନ,୫।୧୧(ଡି.ଏନ.ଏ.):** ଫେସବୁକ୍ ଓ ହ୍ୱାଟ୍ସଆପ୍‌ରେ ଖବରଦାତାଙ୍କୁ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ପ୍ରେସ କ୍ଲବ ପକ୍ଷରୁ ଯାଜପୁର ଥାନାରେ ଅଭିଯୋଗ କରାଯାଇଛି। ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଖବରଦାତାଙ୍କ ବିରୋଧରେ ଅଶାଳୀନ ପୋଷ୍ଟ କରିଥିଲେ। ଏହା ଭାଇରାଲ୍ ହେବା ପରେ ଯାଜପୁର ଜିଲା ଖବରଦାତାଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ସେମାନେ ଥାନାରେ ଏତଲା ଦେଇଥିଲେ। ଯାଜପୁର ପ୍ରେସ କ୍ଲବ ସଭାପତି ରାଜୀବ ମହାନ୍ତି, ସମ୍ପାଦକ ଅରୁଣ ରାଉତରାୟ, ଆଦିତ୍ୟ ମେକାପ, ଦେବାଶିଷ ସାହୁ, ମହେଶ୍ୱର ସାହୁ, ଆଦିତ୍ୟ ମହାନ୍ତି, ଦିଲୀପ ଦାସ, ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ୪ ଟ୍ରକ୍ ଜବତ, ୫୫ ହଜାର ଜରିମାନା ଆଦାୟ

**ରସୁଲପୁର,୫।୧୧(ଡି.ଏନ.ଏ.):** ରସୁଲପୁର ତହସିଲ ଅଞ୍ଚଳରୁ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଚଢ଼ାଉ ଆରମ୍ଭ ହୋଇଛି। ଏହିକ୍ରମରେ ତହସିଲଦାରଙ୍କ ନେତୃତ୍ୱରେ ୧୬ ନଂ. ଜାତୀୟ ରାଜପଥରେ ଚଢ଼ାଉ କରାଯାଇ ୪ ଟ୍ରକ୍ ଜବତ କରାଯାଇଛି। ଉକ୍ତ ଟ୍ରକ ମଧ୍ୟରୁ ୩ଟିରେ ଚିପ୍ସ ଏବଂ ଗୋଟିଏରେ ମାଟି ବୋଝେଇ ହୋଇଥିଲା। ସେମାନଙ୍କଠାରୁ ତହସିଲଦାର ୫୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି କୁଆଖିଆ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ଦୁଇଟି ଅତଲାପୁର ପଞ୍ଚାୟତର ବାଲିପାଟଣା ନିକଟରୁ ବାଲି ଉଠାଇ ବ୍ରାହ୍ମଣୀ ନଦୀ ବନ୍ଧରେ ରାଜପଥ ଆଡକୁ ଆସୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଟ୍ରାକ୍ଟର ଚାଳକ ଦ୍ୱୟଙ୍କ ନିକଟରେ ବାଲି ପରିବହନ ନେଇ ଅନୁମତି ନ ଥିଲା। ପୋଲିସ ଉଭୟ ଚାଳକ ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ଗୌତମ ମହାରଣା ଓ କ୍ରିପାଳ ଗ୍ରାମର ପ୍ରଶାନ୍ତ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ (ନଂ. ୩୭୯/୨୦) ମାମଲା ରୁଜୁ ହୋଇଛି।

# ବାଣ ଫୁଟିବନି, ପ୍ରସ୍ତୁତକାରୀ ହତାଶ

**କରୋନା କଟକଣା**

କେନ୍ଦ୍ରାପଡ଼ା ଅଫିସ, ୫।୧୧

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ବିକ୍ରି କିମ୍ବା ବାଣ ଫୁଟାଇଲେ ଆଇନ ଜାଲରେ ଛନ୍ଦିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଯୋଗୁ କେନ୍ଦ୍ରାପଡ଼ା ଜିଲାର ୧୫୦୦ରୁ ଊର୍ଦ୍ଧ୍ୱ ବାଣ ପ୍ରସ୍ତୁତକାରୀ ହତାଶ ହୋଇପଡିଛନ୍ତି। ଫେବୃୟାରୀରୁ ଅଦ୍ୟାବଧି କୋଭିଡ-୧୯ କଟକଣା ଯୋଗୁ ବାଣ ବ୍ୟବସାୟ କରି ପାରିନାହାନ୍ତି। କଟକଣା ତାଙ୍କର ଜୀବିକାକୁ ଛଡାଇ ନେଇଥିବା ବାଣ ପ୍ରସ୍ତୁତକାରୀମାନେ ମତ ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ବାଣ ଫୁଟାଯିବା ଦ୍ୱାରା ଯେଉଁ ଧୂଆଁ ବାହାରିବ ତାହା ପରିବେଶକୁ ପ୍ରଦୂଷିତ କରିବ। ବାୟୁ ପ୍ରଦୂଷଣର ମାତ୍ରା ବଢିଯିବ। ଲୋକଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହେବ। ଯାହାକି ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ।


କେନ୍ଦ୍ରାପଡ଼ାରେ ଜଣେ ବ୍ୟକ୍ତି ବାଣ ପ୍ରସ୍ତୁତ କରୁଛନ୍ତି।

କେନ୍ଦ୍ରାପଡ଼ା ସହର ନିକଟ ଗରାପୁରର ବାଣ ପ୍ରସ୍ତୁତକାରୀ ଭରତ ଦାସଙ୍କୁ ପଚାରିବାରେ, କୋଭିଡ-୧୯ କଟକଣା ଜୀବନକୁ ଦୁର୍ବିଷହ କରିଦେଇଛି। ଦୀର୍ଘ ୮ମାସ ଧରି ବାଣ ବ୍ୟବସାୟ ବନ୍ଦ ରହିଛି। ବିବାହ, ବ୍ରତ, ପୂଜାଉତ୍ସବରେ ଏବେ ବାଣ ବ୍ୟବହାର ହେଉନାହିଁ। ଆସନ୍ତା ୧୪ରେ ଦୀପାବଳି ଅମାବାସ୍ୟାରେ ବାଣ ବ୍ୟବହାରକୁ ବନ୍ଦ ପରେ ପରିବାର ଚଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଗ୍ରାମର ମାଧବ ଚନ୍ଦ୍ର ବେହେରା କୁହନ୍ତି, ଏପ୍ରିଲରେ ଜିଲାରେ ପ୍ରଥମ କରୋନା ସଂକ୍ରମିତଙ୍କ ଚିହ୍ନଟ ହୋଇଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ୩ ଅଙ୍କରେ ପହଞ୍ଚିଥିଲା। ଅକ୍ଟୋବର ୨୦ରୁ ସଂକ୍ରମିତଙ୍କ ସଂଖ୍ୟା ୫୦ ମଧ୍ୟରେ ରହୁଛି। କରୋନା ସଂକ୍ରମିତଙ୍କ ସଂଖ୍ୟା କମିବା ଓ ଅନ୍‌ଲକ ପ୍ରକ୍ରିୟା ମଧ୍ୟରେ ଦୀପାବଳି ଅମାବାସ୍ୟା କଟକଣାମୁକ୍ତ ହେବ ବୋଲି ଆଶା କରାଯାଉଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କାର ସାମଗ୍ରୀ କିଣା ଯାଇ ବାଣ ପ୍ରସ୍ତୁତ କରାଯାଇଛି। କଟକଣା ପରେ ପ୍ରସ୍ତୁତ ହୋଇଥିବା ବାଣ ଓ ନିଜ ପରିବାରର ଭବିଷ୍ୟତ ଏବେ ଅନ୍ଧାରରେ ଥିବା ସେ କହିଛନ୍ତି। କପାଳେଶ୍ୱର ଗ୍ରାମର ଅଭିମନ୍ୟୁ ସାମଲ କୁହନ୍ତି, ଦୀପାବଳିରେ ସର୍ବାଧିକ ବାଣ ବିକ୍ରି ହୋଇଥାଏ। ବ୍ୟବସାୟୀମାନେ ବାଣ ନେଇ ବିକ୍ରି ପାଇଁ ଅଗ୍ରିମ ଦେଇଥିବାରୁ ସେମାନଙ୍କ ଅର୍ଡର ପ୍ରସ୍ତୁତ ହୋଇସାରିଛି। ଏବେ ଅଗ୍ରିମ ବାବଦ ବାଣ ନେବାକୁ ମନା କରି ଦେଇଥିବାରୁ ପରିବାର ସଦସ୍ୟ ହତାଶ ହୋଇପଡିଛୁ। ଦୀର୍ଘଦିନ ଧରି ବାହାଘର ଓ ଅନ୍ୟ ପର୍ବରେ ବାଣ ବିକ୍ରି ହୋଇ ନ ଥିବା ବେଳେ ଋଣ ଜାଲରେ ପଡିଯାଇଛୁ। ଏହି କଟକଣା ନିୟମକୁ ପୁନଃବିଚାର କରିବାକୁ ସେ ଦାବି କରିଛନ୍ତି।

# ଲଣ୍ଠନ ଶୋଭାଯାତ୍ରା କରି ପ୍ରତିବାଦ

**ମହାବିଦ୍ୟାଳୟ ଗଳିରେ ଅବ୍ୟବସ୍ଥା**

ନୟାଗଡ଼ ଅଫିସ,୫।୧୧

ନୟାଗଡ଼ ସହରର ମହିଳା ମହାବିଦ୍ୟାଳୟ ଗଳିରେ ନାନା ଅବ୍ୟବସ୍ଥା ଲାଗିରହିଛି। ବାରମ୍ବାର ଅଭିଯୋଗ, ପ୍ରତିବାଦ ପରେ ସୁଫଳ ନ ମିଳିବାରୁ ସ୍ଥାନୀୟ ବାସିନ୍ଦା ଲଣ୍ଠନ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ପ୍ରଥମେ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥଲେ। ନିର୍ବାହୀ ଅଧିକାରୀ ନ ଥିବାରୁ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ମହାବିଦ୍ୟାଳୟ ଗଳି ବାସିନ୍ଦା କ୍ରିୟାନୁଷ୍ଠାନ କମିଟିର ଅଭିଯୋଗ ଅନୁସାରେ ଡ୍ରେନ କାର୍ଯ୍ୟ ଅଧାନ୍ତରିଆ ହୋଇରହିଛି। ଲେଭୁଲ ହୋଇ ନ ଥିବାରୁ ବର୍ଷା ହେଲେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ନର୍ଦ୍ଦମା ଜଳ ଘରେ ପଶୁଛି। ପୂର୍ତ୍ତ ବିଭାଗର ରାସ୍ତାକାମ ଠିକ୍‌ରେ ହେଉ ନ ଥିବା ସେମାନେ ଦର୍ଶାଇଛନ୍ତି।



ମହାବିଦ୍ୟାଳୟ ଗଳି ବାସିନ୍ଦାଙ୍କ ଲଣ୍ଠନ ଶୋଭାଯାତ୍ରା।

# ଦାନଗଦୀ ମେଡିକାଲ ଗୃହ ନିର୍ମାଣରେ ଅନିୟମିତତା

- ବିନା ସୂଚନା ଫଳକରେ ନିର୍ମାଣ
- ମାଟି ଏବଂ ମୋରମରେ ହେଉଛି ଫିଲିଂ


ଦାନଗଦୀ ମେଡିକାଲ ଗୃହ ନିର୍ମାଣ ଚାଲିଛି।

କଳିଙ୍ଗନଗର,୫।୧୧(ଡି.ଏନ.ଏ.)

ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୬କୋଟି ଟଙ୍କାରେ ଏକ ମେଡିକାଲ ଗୃହ ନିର୍ମାଣ କରାଯାଉଛି। ତେବେ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକଙ୍କ ଜାଣିବା ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଇବାର ନିୟମ ରହିଛି। କିନ୍ତୁ କାର୍ଯ୍ୟରତ ଠିକାଦାର ଏହାକୁ ଅବମାନନା କରି ତିନି ମାସ ହେବ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ପିଲର ପାଇଁ ଖୋଳାଯାଇଥିବା ମାଟି ଏବଂ ମୋରମକୁ ପୁଣି ସେଠାରେ ଫିଲିଂ କରାଯାଇଥିବା ଦେଖିବାକୁ ମିଳିଛି। ସରକାରୀ ନିୟମାନୁଯାୟୀ ପିଲର ଗାତରେ ବାଲି ଫିଲିଂ କରିବାର ନିୟମ ଥିବାବେଳେ ଏହାକୁ ସମ୍ପୃକ୍ତ ଠିକାଦାର ଉଲ୍ଲଙ୍ଘନ କରୁଛନ୍ତି। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ନିର୍ମାଣ ବିଭାଗର ଯାଜପୁର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା କହିଛନ୍ତି, ବ୍ୟୟଅଟକଳ ଅନୁସାରେ କାମ ହେଉଛି। କୌଣସି ଅନିୟମିତତା ହେଉନାହିଁ।

## ସାର୍ବଜନୀନ ହେଲାନି ଠିପି ଖୋଲା ମଦ ଦୋକାନ ବିଜ୍ଞପ୍ତି

ବରୀ,୫।୧୧(ଡି.ଏନ.ଏ.)

ଯାଜପୁର ଜିଲାର ବରୁହାଁଠାରେ ଏକ ଠିପି ଖୋଲା ମଦ ଦୋକନ ଖୋଲିବାକୁ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି। ତେବେ ଏନେଇ ଯଦି କାହାରି ଅଭିଯୋଗ ଥାଏ ସେମାନେ ଜିଲାପାଳଙ୍କୁ ଜଣାଇବା ନିମନ୍ତେ ଗତ ଅକ୍ଟୋବର ୧୯ରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏହି ବିଜ୍ଞାପନକୁ ସାର୍ବଜନୀନ କରାଯାଇନାହିଁ। ଯଦ୍ୱାରା ବିଜ୍ଞାପନ ସମ୍ପର୍କରେ ଲୋକେ ଜାଣି ପାରି ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ୨।୧୧।୨୦୨୦ ତାରିଖ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ଦର୍ଶା ଯାଇଥିଲା। ଅବକାରୀ ବିଭାଗ, ଉପଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ମାଧ୍ୟମରେ ଏହି ବିଜ୍ଞାପନକୁ ବହୁଳ ଭାବେ ପ୍ରଚାର ଓ ପ୍ରସାର କରିବାକୁ କୁହାଯାଇଥିଲା। କିନ୍ତୁ ମଦ ଦୋକାନ ଖୋଲିଲେ ବିରୋଧ ହେବା ଭୟରେ ବିଜ୍ଞପ୍ତିକୁ ଗୋପନ ରଖା ଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଜିଲା କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା କଡରେ ଉକ୍ତ ମଦ ଦୋକାନ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ବରୀ ଅବକାରୀ ବିଭାଗ ଇନ୍ସପେକ୍ଟର ସ୍ୱପ୍ନା ସାହୁ କହିଛନ୍ତି, ଅଦ୍ୟାବଧି କୌଣସି ଅଭିଯୋଗ ଜିଲା କାର୍ଯ୍ୟାଳୟରେ ପହଞ୍ଚିନାହିଁ। ବିଭାଗ ତରଫରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ସାର୍ବଜନୀନ କରାଯାଇଛି।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ

ବିଞ୍ଝାରପୁର,୫।୧୧(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ମଙ୍ଗଳପୁର ଥାନା ଥାଲୁକୁଡି ଗ୍ରାମର ରତ୍ନାକର ମଲିକ ରାସ୍ତାରୁ ଉଠାଇନେଇ ୫ ଦିନ ଭଦ୍ରକ ଜିଲାର ବିଭିନ୍ନ ଲଜରେ ରଖି ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା (ନଂ.୩୩୮/୨୦) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଅକ୍ଟୋବର ୨୯ ପୂର୍ବାହ୍ନରେ ନାବାଳିକା ବାଲମୁକଳି ବଜାରକୁ ଯାଇ ଫେରୁଥିଲେ। ଏହି ସମୟରେ ତାଙ୍କୁ ରତ୍ନାକର ଅପହରଣ କରିଥିଲେ। ଗତ ମଙ୍ଗଳବାର ରତ୍ନାକର ନାବାଳିକାଙ୍କୁ ଯାଜପୁର ଟାଉନ ସ୍ଥିତ ବୈତରଣୀ ସେତୁ ଉପରେ ଛାଡିଦେଇ ପଳାଇଥିଲେ। ନାବାଳିକା ଏକୁଟିଆ ବସିଥିବା ଦେଖି ଜଣେ ଗୁପଚୁପ ବେପାରୀ ପୋଲିସକୁ ଖବର ଦେଇଥିଲେ। ଯାଜପୁର ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବାପାଙ୍କ ଜିମା ଦେଇଥିଲା। ନାବାଳିକା ଘରେ ସମସ୍ତ କଥା ଜଣାଇବା ସହ ବୁଧବାର ରତ୍ନାକରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏସଆଇ କଣ୍ଟୁରିଚରଣ ଦାସ ଏହାର ତଦନ୍ତ କରୁଛନ୍ତି।

## ବିଦ୍ୟାଳୟ ମରାମତିରେ ଶିକ୍ଷା କମିଟିକୁ ଅଣଦେଖା

ନାଉଗାଁ,୫।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ମାରଡା ଉପ୍ରା ବିଦ୍ୟାଳୟରେ ଶିକ୍ଷା କମିଟିକୁ ଅଣଦେଖା କରି ମରାମତି କାର୍ଯ୍ୟ କରାଯାଉଛି ବୋଲି ଶିକ୍ଷା କମିଟି ଉପସଭାପତି ଅଶୋକ ନାୟକ, ସଦସ୍ୟ ନାରାୟଣ ପଟ୍ଟନାୟକ, ସୁରେଶ ଚନ୍ଦ୍ର ମୁଦୁଲି ଓ ସରିତା ବିଶ୍ୱାଳ ପ୍ରମୁଖ ଗୁରୁବାର ସର୍ବଶିକ୍ଷା ଅଭିଯାନର ବୈଷୟିକ ସହାୟିକା ପୁନମ ବିଶ୍ୱାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶିକ୍ଷା କମିଟି ନିଷ୍ପତ୍ତି ନେବା ପରେ ବିଦ୍ୟାଳୟରେ ମରାମତି କାର୍ଯ୍ୟ କରାଯିବ ବୋଲି ନିୟମ ରହିଛି । ମାତ୍ର ମାରଡା ଉପ୍ରାବିଦ୍ୟାଳୟରେ କମିଟିକୁ ନ ଜଣାଇ ଏହି କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗକାରୀ କହିଛନ୍ତି। ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ବିଶ୍ୱାଳ କହିଛନ୍ତି, ମାରଡା ବିଦ୍ୟାଳୟରେ ହୋଇଥିବା କାର୍ଯ୍ୟ ପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇ ନାହିଁ। କାର୍ଯ୍ୟପରେ କମିଟି ସଦସ୍ୟମାନଙ୍କ ଦସ୍ତଖତ ଦିଆଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିବା ପରେ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ କମଳାକୁମାରୀ ବେହୁରା ଏହାକୁ ଖଣ୍ଡନ କରିବା ସହ ଅର୍ଥ କେଉଁଠୁ ଓ କିପରି ଆସିଛି ସେ ବିଷୟରେ ଜଣାନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ସପନ ଜେନା କହିଛନ୍ତି, କାର୍ଯ୍ୟ ବିଷୟରେ ମୁଁ ଅବଗତ ନାହିଁ। ତଦନ୍ତ ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଗୁରୁତର**


ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ଯାଜପୁର ଟାଉନ,୫।୧୧(ଡି.ଏନ.ଏ.)

ଯାଜପୁର ସହର ଉପକଣ୍ଠ ମକେଇପୁର ଛକ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଏଥିରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ପ୍ରକାଶ ଯେ, ଅପରାହ୍ନ ୪ଟା ସମୟରେ ଯାଜପୁର ଅଡଙ୍ଗ ବାଲିଘାଟରୁ ବାଲି ବୋଝେଇ କରି ଏକ ହାଇୱା ସଠିପୁର ଆଡକୁ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ମାଳଆନନ୍ଦପୁର ମତାବାଦ ଗ୍ରାମର ମାୟାଧର ଦଳାଇ, ଦିଲୁ ଦଳାଇ ଓ ରବୀନ୍ଦ୍ର ଦଳାଇ ବାଇକ୍‌ରେ ଯାଉଥିବାବେଳେ ହାଇୱା ସହ ଧକ୍କା ହୋଇଥିଲା। ଫଳରେ ୩ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ତୁରନ୍ତ ବାଲିଘାଟ ବନ୍ଦ ସହ ୩ ଗୁରୁତରଙ୍କ ମାଗଣା ଚିକିତ୍ସା ପାଇଁ ଦାବି କରିଥିଲେ। ଯାଜପୁର ପୋଲିସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

## ପଥର ଖାଦାନ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୫।୧୧(ଡି.ଏନ.ଏ.)

ଧର୍ମଶାଳା ବିଛାଖଣ୍ଡି ପାହାଡରେ ଚାଲିଥିବା ବେଆଇନ ପଥର ଖାଦାନରୁ ବିଷାକ୍ତ ପାଣି ଚାଷଜମିକୁ ଛଡାଯାଉଥିବାରୁ ଫସଲ ନଷ୍ଟ ହେଉଛି। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଗୁରୁବାର ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଥର ଖାଦାନରୁ ବିଷାକ୍ତ ପାଣି ପଶି ଶତାଧିକ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି। କ୍ଷତିପୂରଣ ପ୍ରଦାନ ସହ ଖାଦାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ ହୋଇଛି। ପ୍ରଫୁଲ୍ଲ କୁମାର ରାଉତ, ବିଚିତ୍ରାନନ୍ଦ ଦାସ, ବଳରାମ ସେଠୀ, ଅଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ନଳକୂପକୁ ବ୍ୟକ୍ତିଗତ କରିନେଲେ

ଡେରାବିଶ, ୫।୧୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ବିଶୋକ ୨ ନଂ. ୱାର୍ଡ଼ରେ ଏକ ସରକାରୀ ଗଭୀର ନଳକୂପକୁ ଭାଙ୍ଗି ଦିଆଯାଇଛି। ତାହାର ଅଳ୍ପ ଦୂରରେ ନଳକୂପ ବସାଇ ବ୍ୟକ୍ତିଗତ ବ୍ୟବହାର ପାଇଁ ପଞ୍ଚାୟତ ନଳକୂପ ମିସ୍ତ୍ରି ମସୁଧା କରିଛନ୍ତି। ଏ ନେଇ ବିଡିଓଙ୍କ ନିକଟରେ ଗୁରୁବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଶୋକ ଗାଁର ରଘୁନାଥ ରାଉତଙ୍କ ଘର ନିକଟରେ ସରକାରୀ ନଳକୂପ ଥିଲା। ଏଥିରୁ ଗ୍ରାମର ୧୫ ପରିବାର ଜଳ ବ୍ୟବହାର କରୁଥିଲେ। ଅକ୍ଟୋବର ୩୦ ବିଳମ୍ବିତ ରାତିରେ ପଞ୍ଚାୟତରେ ନିଯୁକ୍ତ ନଳକୂପ ମିସ୍ତ୍ରି ହୃଷୀକେଶ ମଲିକ ନଳକୂପର ହ୍ୟାଣ୍ଡେଲକୁ ଭାଙ୍ଗି ନେଇ ଯାଇଛନ୍ତି। ସେହି ନଳକୂପ ପାଇପ୍‌ରୁ ସଂଯୋଗ କରି ଅଳ୍ପ ଦୂରରେ ଅନ୍ୟ ଏକ ସାଲୋ ନଳକୂପ ବସାଇଛନ୍ତି। ଏଥିରୁ ପମ୍ପ ସାହାଯ୍ୟରେ ପାଣି ଉଠାଇବାକୁ ଏକ ପଏଣ୍ଟ ରଖିଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଡ଼ିଓ, ଖମୋଳ ସରପଞ୍ଚ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କର୍ତ୍ତୃପକ୍ଷଙ୍କ ନିକଟରେ ୫ ଦିନ ତଳେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ବିଡ଼ିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ବିଭାଗୀୟ ଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଯୋଜନା ପଞ୍ଚାୟତ ଅଧୀନରେ ଥିବାରୁ ସେ ସମ୍ପର୍କରେ ସରପଞ୍ଚଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ

**କୃଷି ଆଇନ, ଅତ୍ୟାବଶକ ସାମଗ୍ରୀ ଦର ବୃଦ୍ଧିକୁ ବିରୋଧ**


ଚାଷୀମାନେ ରାଜପଥରେ ଆନ୍ଦୋଳନ କରୁଛନ୍ତି।

ରସୁଲପୁର,୫।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୧୬ନଂ ଜାତୀୟ ରାଜପଥର କୁଆଖିଆ ବଜାରଠାରେ ଗୁରୁବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚକାଜାମ ଆନ୍ଦୋଳନ କରାଯାଇଛି। କୃଷି ଆଇନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଛି। ସଂଗଠନ ରାଜ୍ୟ ସହସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଶତାଧିକ କୃଷକ, ସାମାଜିକ କର୍ମୀ ରାଜରାସ୍ତାକୁ ଓହ୍ଲାଇଥିଲେ। କୃଷି ଆଇନ ଚାଷୀ ବିରୋଧୀ, ତେଣୁ ତାହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସେହିପରି ଚାଷୀଙ୍କ ପାଇଁ ସବୁଦିନିଆ ମଣ୍ଡି ଖୋଲିବା, ହାଟସ୍ଥଳରେ ଶୀତଳ ଭଣ୍ଡାର କରିବା, କୃଷିଜାତ ଦ୍ରବ୍ୟର ସରକାରୀ ମୂଲ୍ୟ ନିର୍ଦ୍ଧାରଣ କରିବା, ଅତ୍ୟାବଶକ ସାମଗ୍ରୀ ଦର ଆକାଶ ଛୁଆଁ ହୋଇଛି। ତେଣୁ ଦରଦାମକୁ ନିୟନ୍ତ୍ରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଦାବି କରାଯାଇଛି। ସଂଗଠନ ଜିଲା ସଂଯୋଜକ ଅଶୋକ ଶାନ୍ତି, ଦୀନବନ୍ଧୁ ମଲିକ, ସୁବାସ ଖଣ୍ଡାଇ, ବଲ୍ଲଭ ଜେନା, ରବୀନ୍ଦ୍ର ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁଓ ପପୁ ବେହେରା ପ୍ରମୁଖ ରାଜପଥ ଅବରୋଧ କରି ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

## ଦୁଇ ସ୍ଥାନରେ ରାସ୍ତାରୋକୋ

ଜଗତ୍‌ସିଂହପୁର ଅଫିସ/ ରଘୁନାଥପୁର, ୫।୧୧(ଡି.ଏନ୍.ଏ.)

କେନ୍ଦ୍ରୀୟ କୃଷି ଆଇନ୍ ୨୦୨୦ ପ୍ରତ୍ୟାହାର ଦାବିରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରଘୁନାଥପୁର ବ୍ଲକ କଟକ ପାରାଦୀପ ରାଜରାସ୍ତାକୁ ଜଇପୁର ଛକରେ ୨ ଘଣ୍ଟା ଅବରୋଧ କରାଯାଇଥିଲା। ସଂଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣା ଏହାର ନେତୃତ୍ୱ ନେଇଥିଲେ। ସେହିପରି ଜିଲା ମୁଖ୍ୟାଳୟ ଡାକବଙ୍ଗଳା ଛକରେ ମଧ୍ୟ ସଙ୍ଗଠନ ତରଫରୁ ଆନ୍ଦୋଳନ ହୋଇଥିଲା। ଉଭୟ ସ୍ଥାନରେ ଶତାଧିକ ଚାଷୀ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଗର୍ଜିଥିଲେ। କୃଷି ଆଇନ୍ ପ୍ରତ୍ୟାହାର ସହ ଚାଷୀଙ୍କୁ ପେନସନ, ରିଲିଫ କୋଡ୍ ସଂଶୋଧନ, ଉତ୍ତମ ଜଳସେଚନ, ଜଳ ନିଷ୍କାସନ, ଶୀତଳଭଣ୍ଡାର, ମାଙ୍କଡ଼, ଷଣ୍ଢ ଓ ହରିଣ ଉପଦ୍ରବରୁ ସୁରକ୍ଷା, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଜରିଆରେ ବେକାରି ନିଯୁକ୍ତି ଏବଂ କୃଷି ଭିତ୍ତିଭୂମିର ବିକାଶ ସମ୍ପର୍କରେ ଦାବି କରାଯାଇଥିଲା। ସରକାର ସଚେତନ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। କଟକ-ପାରାଦୀପ ରାଜପଥରେ ହୋଇଥିବା ଆନ୍ଦୋଳନରେ ଘନଶ୍ୟାମ ମହାନ୍ତି, ବୈରାଗୀ ଚରଣ ସାହୁ ଓ ନିଗମାନନ୍ଦ ଦାସଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଡାକବଙ୍ଗଳା ଛକରେ ହୋଇଥିବା ଆନ୍ଦୋଳନରେ ବଂଶୀଧର ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ଦୁର୍ଗାଚରଣ ସ୍ୱାଇଁ ଓ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

